ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୭ ସେପ୍ଟେମ୍ବର, ୨୦୨୦

## ଏଆଇକେକେଏମ୍‌ଏସ ପକ୍ଷରୁ ବିକ୍ଷୋଭ

**ଜଗତ୍‌ସିଂହପୁର ଅଫିସ:** କେନ୍ଦ୍ର ସରକାରଙ୍କ କୃଷକ ବିରୋଧୀନୀତି ପ୍ରତିବାଦରେ ଅଲ ଇଣ୍ଡିଆ କୃଷକ ମଜଦୁର ସଙ୍ଗଠନ (ଏଆଇକେକେଏମ୍‌ଏସ୍) ଜଗତ୍‌ସିଂହପୁର ଶାଖା ତରଫରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିରେ କୁହାଯାଇଛି କୃଷକମାନଙ୍କୁ ସେମାନଙ୍କ ନିଜ ଜମିର ଶ୍ରମିକ ଭଳି ବ୍ୟବହାର କରାଯିବ। ସେହିପରି ରିହାତି ହ୍ରାସ କରିବା ଆଦି ପ୍ରସଙ୍ଗକୁ ନେଇ ଅସନ୍ତୋଷ ବ୍ୟକ୍ତ କରାଯାଇଛି। ଆନ୍ଦୋଳନରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଜିଲା ସଙ୍ଗଠକ ପ୍ରଦୀପ୍ତ ରାମ, ଛାତ୍ର ନେତା ପ୍ରକାଶ ଦାସ, ରୁଦ୍ର ପ୍ରସାଦ ପରିଡ଼ା, କୃଷକ ନେତା ବାବାଜୀ ଚରଣ ଦାସ, ଭାରତୀ ସାମଲ ପ୍ରମୁଖ ନେତୃତ୍ୱ ନେଇଥିଲେ।



## ସଂକ୍ଷେପରେ

### ନଦୀରୁ ମୃତଦେହ ଉଦ୍ଧାର

**ନୟାଗଡ଼ଅଫିସ/ଗଣିଆ,୨୬।୯ (ଡି.ଏନ୍.ଏ.):** ମହାନଦୀରୁ ଜଣେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ କହ୍ନେଇ ବେହେରା (୭୨), ଘର ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତ ଗୋପୀନାଥପୁର ଗାଁରେ। କହ୍ନେଇ ସକାଳ ୯ଟାରେ ମହାନଦୀକୁ ଗାଧୋଇବାକୁ ଯାଇଥିଲେ। ତେବେ ଗୋଡ ଖସିଯିବାରୁ ସେ ନଦୀରେ ବୁଡ଼ିଯାଇ ପ୍ରାଣ ହରାଇଥିଲେ। ଏଣେ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରି ନିରାଶ ହୋଇଥିଲେ। ପରେ ଗଣିଆ ଅଗ୍ନିଶମ ବିଭାଗ ପକ୍ଷରୁ ମହାନଦୀରେ ଖୋଜାଖୋଜି କରାଯାଇଥିଲା। ୬ ଘଣ୍ଟା ପରେ ରାସଙ୍ଗ ଅଞ୍ଚଳର ନଦୀପଠାରୁ ମୃତଦେହ ଉଦ୍ଧାର ହୋଇଥିଲା। ଗଣିଆ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୬/୨୦) ରୁଜୁ ହୋଇଛି।

### ଜବରଦଖଲ: ୧୧ ଜଣଙ୍କ ନାଁରେ ମାମଲା

**ରାଜନଗର,୨୬।୯(ଡି.ଏନ.ଏ.):** ସାତଭାୟାର ୫୭୧ ପରିବାରକୁ ବଗପାଟିଆରେ ଥଇଥାନ କରାଯାଇଛି। ଥଇଥାନ ସ୍ଥଳୀରେ ବିଦ୍ୟାଳୟ, ଶ୍ମଶାନ, ଖେଳପଡିଆ, ମନ୍ଦିର ଓ ଅନ୍ୟାନ୍ୟ ଭିତ୍ତିଭୂମି ପାଇଁ ଜାଗା ସଂରକ୍ଷିତ ରଖାଯାଇଛି। ମାତ୍ର ସଂରକ୍ଷିତ ସ୍ଥାନକୁ କେତେଜଣ ଜବରଦଖଲ କରି ଘର ନିର୍ମାଣ ଆରମ୍ଭ କରିଛନ୍ତି। ସାତଭାୟା ଥଇଥାନ କମିଟି ପକ୍ଷରୁ ଏ ନେଇ ରାଜନଗର ତହସିଲଦାରଙ୍କ ସମେତ କେନ୍ଦ୍ରାପଡ଼ା ଜିଲାପାଳ, ସ୍ପେଶାଲ ରିଲିଫ କମିଶନରଙ୍କୁ ଲିଖିତ ଭାବେ ଜଣାଯାଇଥିଲା। ଜିଲାପାଳଙ୍କ ନିର୍ଦ୍ଦେଶ ମୁତାବକ ରାଜନଗର ତହସିଲଦାର ଏ ନେଇ ରାଜନଗର ଥାନାରେ ୧୧ଜଣ ଜବରଦଖଲକାରୀଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି।

### ହନୁମାନ ମନ୍ଦିର ହୁଣ୍ଡି ଭାଙ୍ଗି ଚୋରି

**ଭାପୁର,୨୬।୯(ଡି.ଏନ.ଏ.):** ଶୁକ୍ରବାର ରାତିରେ ଭାପୁର ବଜାର ବାଇପାସ୍ ନିକଟରେ ଥିବା ହନୁମାନ ମନ୍ଦିର ହୁଣ୍ଡି ଭାଙ୍ଗି କେହି ଦୁର୍ବୃତ୍ତ ଟଙ୍କା ଚୋରି କରି ନେଇଛନ୍ତି। ଏ ନେଇ ମନ୍ଦିର କମିଟି ସଭାପତି ଜଗନ୍ନାଥ ବାରିକ, ସମ୍ପାଦକ ପଦ୍ମଚରଣ ବେହେରା, ଜିତୁ ରଣସିଂହଙ୍କ ସମେତ ଶ୍ରୀରାମ ସେବା କମିଟି ତରଫରୁ ଭାପୁର ଫାଣ୍ଡିରେ ଲିଖିତ ଅଭିଯୋଗ ହୋଇଛି।

### ସାଇକେଲରୁ ଖସିପଡ଼ି ଯୁବକ ମୃତ

**ନୟାଗଡଅଫିସ/ଦଶପଲ୍ଲା, ୨୬।୯(ଡି.ଏନ୍.ଏ.):** ସାଇକେଲରୁ ଖସିପଡି ଶନିବାର ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସ୍ଥାନୀୟ କଦଳୀବାରି ଗାଁର ରଞ୍ଜନ ପ୍ରଧାନ(୪୫)। ଦଶପଲ୍ଲା ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଥାନାରେ ୧୭/୨୦ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସୂଚନା ଅନୁସାରେ ରଞ୍ଜନ ସାଇକେଲ ଯୋଗେ ଘରକୁ ଫେରୁଥିଲେ। ହଠାତ୍ ମୁଣ୍ଡ ବୁଲାଇବାରୁ ସେ ଗାଁ ରାସ୍ତାରେ ପଡିଯାଇଥିଲେ। ଗାଁ ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### କାରଖାନା ସମ୍ମୁଖରେ ଧାରଣା ଚେତାବନୀ

**ଧର୍ମଶାଳା, ୨୬।୯ (ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ହରିଦାସପୁରସ୍ଥିତ ରାମ୍‌କୋ ସିମେଣ୍ଟ କାରଖାନା ସମ୍ମୁଖରେ ବିଭିନ୍ନ ଦାବି ନେଇ ହରିଦାସପୁର ପଞ୍ଚାୟତ ଜନ ପ୍ରତିନିଧି ଓ ସ୍ଥାନୀୟ ଲୋକେ ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି। କାରଖାନା ନିର୍ମାଣ ବେଳେ ସ୍ଥାନୀୟ ଅଞ୍ଚଳ ଓ ଲୋକଙ୍କୁ ସବୁକ୍ଷେତ୍ରରେ ଅଗ୍ରାଧିକାର ଦେବା ଲାଗି କମ୍ପାନୀ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ ବି ଅଦ୍ୟାବଧି ଏହାକୁ ପାଳନ କରି ନ ଥିବା ଅଭିଯୋଗ ହୋଇଛି। ଏବେ ପ୍ରଡକ୍ସନ ଆରମ୍ଭ ହୋଇଥିଲେ ମଧ କମ୍ପାନୀ ପକ୍ଷରୁ ସ୍ଥାନୀୟ ଅଞ୍ଚଳରେ ଉନ୍ନତିମୂଳକ କାର୍ଯ୍ୟ କରାଯାଉନାହିଁ। କମ୍ପାନୀର ଏଭଳି ନୀତିକୁ ବିରୋଧ କରି ପଞ୍ଚାୟତ ପ୍ରତିନିଧି ଓ ସ୍ଥାନୀୟ ଲୋକେ ଆସନ୍ତା ୨୮ତାରିଖରେ ଧାରଣାରେ ବସିବେ ବୋଲି ହରିଦାସପୁର ସରପଞ୍ଚ ମଧୁସ୍ମିତା ଭଦ୍ର, ସମିତିସଭ୍ୟ ଚିତ୍ତରଞ୍ଜନ ନାୟକ, ନାଏବ ସରପଞ୍ଚ ଓ ୱାର୍ଡ ସଭ୍ୟମାନେ ପ୍ରେସ୍ ବିବୃତିରେ ଜଣାଇଛନ୍ତି। ଏ ନେଇ ଶନିବାର ଜିଲାପାଳଙ୍କୁ ଲିଖିତ ଭାବେ ଜଣାଯାଇଥିବା ସରପଞ୍ଚ ଭଦ୍ର କହିଛନ୍ତି।

# ବଦଳୁନି ଆଦିବାସୀଙ୍କ ଜୀବନଜୀବିକା

**ନୟାଗଡ଼ ଅଫିସ/ରଣପୁର, ୨୬।୯(ସ୍ୱ.ପ୍ର.):**

ଆଦିବାସୀଙ୍କ ବିକାଶ ଲାଗି ସରକାର ଯୋଜନା ପରେ ଯୋଜନା କରୁଛନ୍ତି। ହେଲେ ନୟାଗଡ଼ ଜିଲା ରଣପୁର ବ୍ଲକ ବନ୍ଧମୁଣ୍ଡା ପଞ୍ଚାୟତ ରାଆଁଳା ଗ୍ରାମର ଆଦିବାସୀଙ୍କ ଜୀବନଜୀବିକା ବଦଳି ପାରୁନି। ଅନ୍ୟପକ୍ଷେ ସରକାର ଗ୍ରାମ୍ୟ ବିକାଶ କାର୍ଯ୍ୟକ୍ରମରେ ଜିଲାର ୧୫ଟି ଗାଁକୁ ନେଇଛନ୍ତି। ଆଗକୁ ଏ ଗାଁକୁ ସାମିଲ କରିବାକୁ ସ୍ଥାନୀୟ ଆଦିବାସୀମାନେ ଦାବି କରିଛନ୍ତି। ଦେଶ ସ୍ୱାଧୀନ ହେବାର ୭୩ ବର୍ଷ ବିତିଯାଇଥିଲେ ମଧ ଗ୍ରାମବାସୀ ସର୍ବନିମ୍ନ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ସରକାରୀ ଯୋଜନା ରହିଯାଉଛି ଫାଇଲ ଭିତରେ।

ରାଆଁଳାର ରାମ ପ୍ରଧାନ କୁହନ୍ତି, ଆମ ଗାଁରେ ୨୨ ପରିବାର ରହୁଛନ୍ତି। ହେଲେ ଏଥିରୁ ମାତ୍ର ୭ ପରିବାର ଆବାସ ଯୋଜନାରେ ଘର କରିଛନ୍ତି। ଅନ୍ୟମାନଙ୍କ ପକ୍ଷେ ସରକାର ଦେଉଥିବା ଅନୁଦାନରେ ଘର ନିର୍ମାଣ କରିବା ସମ୍ଭବ ନୁହେଁ। ପାଖରେ ଟଙ୍କା ନ ଥିବାରୁ ଅଧିକାଂଶ ଲୋକ କାର୍ଯ୍ୟାଦେଶ ପାଇ ବି ନିର୍ମାଣ କରିପାରୁ ନାହାନ୍ତି। କେତେଜଣ କାମ ଆରମ୍ଭ କରିଥିଲେ ବି ଠିକ୍‌ରେ ବିଲ୍ ପାଉନାହାନ୍ତି। ଏଣୁ ଘର ତିଆରି କରିବା ଆଶା ଛାଡି ଭଙ୍ଗା ଘରେ ଜୀବନ ବିତାଉଛନ୍ତି। ଜବ୍‌କାର୍ଡ ଥିଲେ ମଧ୍ୟ କାମ ଠିକ୍‌ରେ ମିଳୁନି। ସେହିପରି ଆମେ ଗୃହପାଳିତ ପ୍ରାଣୀ ରଖୁଥିଲେ ବି ଗୁହାଳ ନିର୍ମାଣ ପାଇଁ ଅର୍ଥ ମିଳୁନି। ଏହି ଯୋଜନାରେ ଅନୁଦାନ ଆସୁଥିବା ମଧ ଆମେ ଜାଣିନୁ। ଦାରିଦ୍ର୍ୟ ଓ ନିରକ୍ଷରତା ଏଥିପାଇଁ ଦାଉ ସାଧୁଛି। ଗ୍ରାମର ଉର୍ମିଳା ପ୍ରଧାନ କୁହନ୍ତି, ବିଭିନ୍ନ ଯୋଜନା ରହିଥିବା ସତ୍ତ୍ୱେ ଗାଁକୁ ରାସ୍ତାଟିଏ ହୋଇପାରି ନାହିଁ। ଗାଁରେ ସ୍କୁଲ ନ ଥିବାରୁ ଆମ ପିଲା ୫ରୁ ୭ କି.ମି. ଯାଇ ପାଠ ପଢ଼ିବା ସମ୍ଭବ ହେଉ ନାହିଁ। ପୁଣି ଗାଁରେ ମୋବାଇଲ ନେଟ୍‌ୱର୍କ ଆସୁନି। ରାମ ପ୍ରଧାନ କୁହନ୍ତି, ଗାଁରେ ଲାଇନ ଅଛି। ଅଥଚ ୨୪ ଘଣ୍ଟାରୁ ୪ରୁ ୫ ଘଣ୍ଟା ଲାଇନକୁ ଆଶା କରାଯାଇ ପାରେ। ମଝିରେ ମଝିରେ ଦିନତମାମ ଲାଇନ କଟେ । ଅନ୍ୟପକ୍ଷେ ସୋଲାର ଲାଇଟ୍ ମଧ ଧୋକ୍କା ଦେଉଛି। ଗାଁର ଗୋଟିଏ ଲାଇଟ ଖରାପ ଅଛି। ଅନ୍ୟଟି ଠିକରେ କାମ କରୁନି। ଡିବିରି ଜାଳିବା ପାଇଁ କିରୋସିନ ମଧ ମିଳୁନି। ବଣ ଜଙ୍ଗଲରେ ହିଂସ୍ର ଜନ୍ତୁଙ୍କ ଭୟ ଥିବାବେଳେ ବିନା ଲାଇଟ୍‌ରେ ଚଳିବା କଷ୍ଟକର ହେଉଛି। ସେହିଭଳି ଚାଷ ଜମି କହିଲେ ମୁଣ୍ଡିଆ (ପାହାଡିଆ) ଜମି। ଏଥିରେ ବାଇଗଣ ଭଲ ହୁଏ। ହେଲେ ହାତୀ ଫସଲ ନଷ୍ଟ କରିବା ଭୟ ରହିଛି। ଏବେ କରୋନା ଆମକୁ ପଙ୍ଗୁ କରିଦେଇଛି। ସୀତା ପ୍ରଧାନ କୁହନ୍ତି, ଆଦର୍ଶ ଗାଁ ଏବଂ ଏମ୍‌ପି ଓ ବିଧାୟକଙ୍କ ପାଣ୍ଠିରେ ପାଇଲଟ ପ୍ରୋଜେକ୍ଟ ବିଭିନ୍ନ ଗାଁରେ ହେଉଛି। ହେଲେ ଆମ ଗାଁକୁ କେହି ଦୃଷ୍ଟି ଦେଉନାହାନ୍ତି। ସରକାର ବିକାଶ ଚାଲିଛି ବୋଲି ଡିଣ୍ଡିମ ପିଟୁଛନ୍ତି। କିନ୍ତୁ ଆମେ ବିକାଶର ସ୍ୱାଦ ଚାଖିପାରିଲୁ ନାହିଁ ବୋଲି କ୍ଷୋଭର ସହ କହିଛନ୍ତି।


ରାଆଁଳା ଗାଁ।

■ସରକାରୀ ଯୋଜନା ଫାଇଲ ଭିତରେ
■ଗ୍ରାମ୍ୟ ବିକାଶ କାର୍ଯ୍ୟକ୍ରମରେ ସାମିଲ ଦାବି

# ଡକାୟତି ଉଦ୍ୟମ ପଣ୍ଡ, ୨ ବୋମା ଜବତ

**ଯାଜପୁରରୋଡ, ୨୬।୯ (ଡି.ଏନ୍.ଏ.)**

## ୪ ଗିରଫ, ୩ ଫେରାର

ଯାଜପୁର ରୋଡ୍ ଥାନା ମୁଣ୍ଡମାଳ ମାଉସୀ ମା’ ମନ୍ଦିର ପରିସରରେ ଶୁକ୍ରବାର ବିଳମ୍ବିତ ରାତିରେ ଚାଲିଥିବା ଏକ ଡକାୟତି ଯୋଜନାକୁ ପୋଲିସ ପଣ୍ଡ କରିଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ବିଶେଷ ସୂତ୍ରରୁ ଖବର ପାଇ ଯାଜପୁର ରୋଡ୍ ଥାନା ପୋଲିସ ମୁଣ୍ଡମାଳ ମାଉସୀ ମା’ ମନ୍ଦିରରେ ଚଢାଉ କରିଥିଲା। ଏହି ସମୟରେ ୪ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୩ ଜଣ ଫେରାର ହୋଇଯାଇଥିଲେ। ଗିରଫ ଅଭିଯୁକ୍ତମାନେ ହେଲେ ମୁଣ୍ଡମାଳର ଚିନ୍ମୟ ପ୍ରଧାନ(୧୯) ଓ ମନୋଜ ପାତ୍ର(୨୫) ଏବଂ ପନାସିଆ ଗ୍ରାମର ଆକାଶ କୁମାର(୨୬) ଓ ଲକ୍ଷ୍ମୀନଗରର ଶ୍ରୀକାନ୍ତ ସାହୁ(୨୩) ବୋଲି ସୂଚନା ମିଳିଛି। ଏମାନେ ଗାୟତ୍ରୀ ବିହାରରେ ଡକାୟତି କରିବାକୁ ଯୋଜନା କରୁଥିଲେ ବୋଲି ଜଣାପଡିଛି। ଏମାନଙ୍କ ନିକଟରୁ ୨ଟି ବାଇକ୍, ଲୁହାଛଡ଼, ଭୁଜାଲି, ୨ଟି ଜୀବନ୍ତ ବୋମା, ୨ଟି ଟ୍ୟାବ, ୭ଟି ମୋବାଇଲ ପ୍ରଭୃତି ଜବତ ହୋଇଛି। ଏ ନେଇ ଯାଜପୁର ରୋଡ୍ ଥାନାରେ ମାମଲା (ନଂ.-୩୮୬/୨୦) ରୁଜୁ ହୋଇଛି।

# କଟକଣା ଭିତରେ ପର୍ଯ୍ୟଟକଙ୍କୁ ମିଳିବ ଆତିଥ୍ୟ

**ରାଜନଗର,୨୬।୯(ଡି.ଏନ.ଏ.)**

## ଭିତରକନିକା ଇକୋ ଟୁରିଜମ୍ ଓ ଡେଭଲପ୍‌ମେଣ୍ଟ କମିଟି ବୈଠକ

ରାଜନଗର ବ୍ଲକ ଗୁପ୍ତିଠାରେ ଶନିବାର ଭିତରକନିକା ଇକୋ ଟୁରିଜମ୍ ଓ ଇକୋ ଡେଭଲପମେଣ୍ଟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆର୍‌ସିସିଏଫ୍ ମନୋଜ କୁମାର ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ରାଜନଗର ଡିଏଫ୍‌ଓ ବିକାଶ ରଞ୍ଜନ ଦାଶ, ଏସିଏଫ୍ ହରେକୃଷ୍ଣ ମଲ୍ଲିକ, ଅଧିର କୁମାର ବେହେରା, ବିରଞ୍ଚି ନାରାୟଣ ସାମଲ, ତହସିଲଦାର ଭୋଳାନାଥ ସେଠୀ, ରେଞ୍ଜ ଅଫିସର ସୁରଜିତ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସରକାର ଅକ୍ଟୋବର ୧ରୁ ଭିତରକନିକା ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି। ଦିନରେ ଯାଇ ଭିତରକନିକା ବୁଲି ଫେରିଆସୁଥିବା ପର୍ଯ୍ୟଟକଙ୍କୁ ଏଥର ବାରଣ କରାଯାଇଛି। କେବଳ ଡାଙ୍ଗମାଳରେ ଥିବା ୧୬ଟି କଟେଜରେ ରହିବା ପାଇଁ ବୁକିଂ କରିଥିବା ପର୍ଯ୍ୟଟକଙ୍କୁ ଭିରକନିକା ଯିବାକୁ ଅନୁମତି ମିଳିବ। କୋଭିଡ୍ କଟକଣା ଭିତରେ କିପରି ପର୍ଯ୍ୟଟକଙ୍କୁ ଆତିଥ୍ୟ ଯୋଗାଇ ଦିଆଯିବ ସେ ନେଇ ଆଲୋଚନା କରାଯାଇଥିଲା। ଭିତରକନିକାରେ ଥିବା ଇକୋ ଟୁରିଜିମ୍ ସୋସାଇଟି, ବୋଟ୍ ମାଲିକ ଓ ଚାଳକଙ୍କୁ ହୋଟେଲ ମ୍ୟାନେଜମେଣ୍ଟ ଗ୍ରୁପର ସଦସ୍ୟମାନେ ଟ୍ରେନିଂ ଦେବାକୁ ନିଷ୍ପତ୍ତି ନିଆଯାଇଛି। ୭ଦିନ ଭିତରେ ବୋଟ୍‌ଗୁଡିକରେ କେତେ ସଂଖ୍ୟକ ପର୍ଯ୍ୟଟକ ଯିବେ ଓ କେତେ ଟଙ୍କା ଭଡା ଦେବାକୁ ପଡିବ ତାହା ସ୍ଥିର କରିବେ ବୋଲି ଆର୍‌ସିସିଏଫ୍ ମହାପାତ୍ର ସୂଚନା ଦେଇଛନ୍ତି।



ବୈଠକରେ ଯୋଗଦେଇଥିବା କମିଟି କର୍ମକର୍ତ୍ତା।

# ଦୁର୍ଦ୍ଦଶା ଭୋଗୁଛନ୍ତି ୪ ପରିବାର


କଚ୍ଚା ରାସ୍ତାରେ ପାଣି ଜମି ରହିଛି।

**ତିର୍ତ୍ତୋଲ,୨୬।୯(ଡି.ଏନ.ଏ.)**

## ଘରକୁ ରାସ୍ତା ନାହିଁ

ଗ୍ରାମାଞ୍ଚଳର ଉନ୍ନତି ପାଇଁ ସରକାର ଆଣୁଛନ୍ତି ବିଭିନ୍ନ ଯୋଜନା। ମାତ୍ର ଏହି ଯୋଜନା କେତେକାଂଶରେ କାର୍ଯ୍ୟକାରୀ ହେଉଥିବାବେଳେ ଆଉ କିଛି କାଗଜ କଲମରେ ଅଟକିଯାଉଛି। ଯାହା ଲୋକଙ୍କ ପାଖରେ ପହଞ୍ଚିବାରେ ବିଫଳ ସାବ୍ୟସ୍ତ ହେଉଛି। ଏମିତି ଘଟଣା ଦେଖିବାକୁ ମିଳିଛି ତିର୍ତ୍ତୋଲ ବ୍ଲକ ଅଧୀନ ତରଜଙ୍ଗା ପଞ୍ଚାୟତ(ବାଲିପାଟଣା)ଗ୍ରାମରେ। ଗ୍ରାମର ୪ଟି ପରିବାର ଯଥା: ବାଉରୀବନ୍ଧୁ ସାହୁ, ବାବୁଲି ସାହୁ, ପ୍ରଦୀପ ସାହୁ, ବନମାଳୀ ସାହୁଙ୍କ ଘର ନିକଟକୁ ରାସ୍ତା ନ ଥିବାରୁ ସେମାନେ ବର୍ଷାଦିନେ ଘରୁ ବାହାରି ପାରୁନାହାନ୍ତି। ଘର ପାଖକୁ ଥିବା କଚ୍ଚା ରାସ୍ତାରେ ବର୍ଷା ହେଲେ ଆଣ୍ଠୁଏ ପାଣି ଜମି ରହୁଛି। ସେହିପରି ଘର ପାର୍ଶ୍ୱରେ ଥିବା ଏକ ପୋଖରୀରୁ ପାଣି ଭର୍ତ୍ତି ହୋଇ ରାସ୍ତାକୁ ମାଡି ଆସିବାରୁ ଏହି ପରିବାର ଦୟନୀୟ ଅବସ୍ଥାରେ ଯିବାଆସିବା କରୁଛନ୍ତି। ଏ ସମ୍ପର୍କରେ ସେମାନେ ସ୍ଥାନୀୟ ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ କୌଣସି ପ୍ରତିକାର ବ୍ୟବସ୍ଥା ହୋଇପାରୁନାହିଁ। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

### ମହିଳାଙ୍କୁ ବଳାତ୍କାର ଅଭିଯୋଗ

**ନୟାଗଡ଼ ଅଫିସ/ଦଶପଲ୍ଲା,୨୬।୯ (ଡି.ଏନ୍.ଏ.):** ଦଶପଲ୍ଲା ଥାନା ଖମାରସାହି ପଞ୍ଚାୟତ ଅଞ୍ଚଳର ଜଣେ ମହିଳାଙ୍କୁ ବଳତ୍କାର ହୋଇଥିବା ଅଭିଯୋଗ ହୋଇଛି। ପୋଲିସ ଦଶପଲ୍ଲା ଏନ୍‌ଏସିର ବିଭୂତି ଭୂଷଣ ବରାଡ(୩୦)ଙ୍କ ନାଁରେ ୧୪୩/୨୦ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ପ୍ରାପ୍ତ ସୂଚନା ଅନୁସାରେ ବିଭୂତି ମହିଳାଙ୍କ ଘରକୁ ଯାଇ ପ୍ରଥମେ ସମ୍ପର୍କ ସ୍ଥାପନ କରିଥିଲେ। ମହିଳାଙ୍କ ସ୍ୱାମୀ ଜଣେ ଭିନ୍ନକ୍ଷମ। ତାଙ୍କୁ ଦେଖା ଯାଉ ନ ଥିବାବେଳେ କିଛି ଶୁଭୁ ନାହିଁ। ଏଭଳିସ୍ଥଳେ ଗତ ୨୩ ତାରିଖ ରାତିରେ ବିଭୂତି ଘରେ ପଶି ତାଙ୍କୁ ବଳାତ୍କାର କରିଥିବା ମହିଳା ଅଭିଯୋଗ କରିଛନ୍ତି । ପୋଲିସ ମହିଳାଙ୍କୁ ଡାକ୍ତରୀ ମାଇନା କରାଇଛି । ସୋମବାର ତାଙ୍କର ବୟାନ ରେକର୍ଡ କରାଯିବ ବୋଲି ଜଣାପଡିଛି ।

### ବିଶୋଧନ ହେବ ନୟାଗଡ଼ ପୌରାଞ୍ଚଳ

**ନୟାଗଡ଼ ଅଫିସ,୨୬।୯:** ନୟାଗଡ଼ ଜିଲାରେ ଶନିବାର ୫୧ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୪୬୩୭ରେ ପହଞ୍ଚିଛି। ଏହି ପରିପ୍ରେକ୍ଷୀରେ ଅପରାହ୍ନରେ ସଦ୍‌ଭାବନା ସଭାଗୃହରେ ଜିଲାପାଳ ପୋମା ଟୁଡୁଙ୍କ ଅଧକ୍ଷତାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ କହିଥିଲେ, ନୟାଗଡ ସହରାଞ୍ଚଳରେ ଦିନକୁଦିନ କରୋନା ବ୍ୟାପି ଚାଲିଛି। ଏଣୁ ୨୮ ଓ ୨୯ ତାରିଖରେ ନୟାଗଡ଼ ପୌରାଞ୍ଚଳର ସମସ୍ତ ଦୋକାନ ବନ୍ଦ କରାଯାଇ ପର୍ଯ୍ୟାୟକ୍ରମେ ବିଶୋଧନ କରାଯିବ। କିନ୍ତୁ ସହର ଶଟ୍‌ଡାଉନ କରାଯିବ ନାହିଁ। ବ୍ୟବସାୟୀଙ୍କ କୋଭିଡ୍ ପରୀକ୍ଷା କରାଯିବ। ସେମାନେ ମାସ୍କ ପିନ୍ଧିବା ସହ ଗ୍ରାହକମାନଙ୍କୁ ଏହା ପରିଧାନ ପାଇଁ କହିବେ। ଏଥିରେ ଅବହେଳା କଲେ ସମ୍ପୃକ୍ତ ବ୍ୟବସାୟୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ରିଲିଫ ଚାଉଳ ବଣ୍ଟନରେ ଅନିୟମିତତା

**ରସୁଲପୁର, ୨୬।୯ (ଡି.ଏନ୍.ଏ.)**

## ରସୁଲପୁର ପଞ୍ଚାୟତ

■ପରିବାର ପିଛା ମିଳୁଛି ୫ କିଗ୍ରା ଚାଉଳ
■ଜିଲାପାଳଙ୍କୁ ଭେଟି ଅଭିଯୋଗ କଲେ ପଞ୍ଚାୟତବାସୀ

ଗତ ଅଗଷ୍ଟରେ ହୋଇଥିବା ବନ୍ୟାରେ ପ୍ରଭାବିତ ଗ୍ରାମବାସୀଙ୍କୁ ପରିବାର ପିଛା ୫୦ କିଗ୍ରା ଚାଉଳ ଓ ୫୦୦ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବାକୁ ଘୋଷଣା ହୋଇଛି। କିନ୍ତୁ ଯାଜପୁର ଜିଲାର ବିଭିନ୍ନ ସ୍ଥାନରେ ରିଲିଫ୍ ଚାଉଳ ବଣ୍ଟନରେ ଅନିୟମିତତା ହେଉଥିବା ଅଭିଯୋଗ ହେଉଛି। ଏହି କ୍ରମରେ ରସୁଲପୁର ପଞ୍ଚାୟତରେ ବିପନ୍ନ ପରିବାର ପିଛା ୫ କି.ଗ୍ରା. ଚାଉଳ ଦିଆଯାଉଥିବା ବେଳେ ବାହାରକୁ କାମଧନ୍ଦା ପାଇଁ ଯାଇଥିବା ସଦସ୍ୟଙ୍କୁ ଏଥିରୁ ବାଦ୍ ଦିଆଯାଉଥିବା ଶନିବାର ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ପଞ୍ଚାୟତର ସ୍ୱର୍ଣ୍ଣପ୍ରଭା ସାହୁ, ସୁଷମା ନାୟକ, ମିନତି ପଣ୍ଡା, ଅରୂପ ପଣ୍ଡା, ଶରତ ପ୍ରସାଦ ପଣ୍ଡା, ଇତିଶ୍ରୀ ପଣ୍ଡା, ବାସନ୍ତୀ ସାହୁ ପ୍ରମୁଖଙ୍କ ସ୍ୱାକ୍ଷର ସମ୍ବଳିତ ଅଭିଯୋଗ ପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଏଥିରେ ଆହୁରି ଦର୍ଶାଯାଇଛି ଯେ, ରିଲିଫ ବଣ୍ଟନ ସମୟରେ କୌଣସି ସରକାରୀ କର୍ମଚାରୀ ଉପସ୍ଥିତ ରହୁନାହାନ୍ତି। କେତେଜଣ ଯୁବକ ଚାଉଳ ବଣ୍ଟନ କରୁଛନ୍ତି। ଏଣୁ ଏହାର ଉପଯୁକ୍ତ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ରସୁଲପୁର ପଞ୍ଚାୟତବାସୀ ଦାବି କରିଛନ୍ତି।

# ଗାନ୍ଧୀ ଜୟନ୍ତୀରେ ଧାରଣା ଦେବ କଂଗ୍ରେସ

**ଆଳି,୨୬।୯(ଡି.ଏନ.ଏ.)**

ଆଳି ଓ ରାଜକନିକା ବ୍ଲକକୁ ନେଇ ଗଠିତ ଆଳି ନିର୍ବାଚନ ମଣ୍ଡଳୀର କଂଗ୍ରେସ କମିଟି ଗାନ୍ଧୀ ଜୟନ୍ତୀରେ ରାସ୍ତା ଉପରେ ଧାରଣା ଦେବ ବୋଲି ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛି। ଶନିବାର ଆଳି ନିଆଳ ହାଟଠାରେ ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମାଙ୍କ ବାସଭବନରେ ଆହୁତ ଖବରଦାତା ସମ୍ମିଳନୀରେ ଶର୍ମା ଅଭିଯୋଗ ବାଢିଛନ୍ତି ଯେ, ପଞ୍ଚାୟତସ୍ତରୀୟ କେତେଜଣ ଲୋକପ୍ରତିନିଧି ଆଳି ଓ ରାଜକନିକା ଥାନା ଅଧିକାରୀଙ୍କ ସହ ସମ୍ପର୍କ ରଖି ଦଳିତ ଲୋକମାନଙ୍କ ଉପରେ ଅତ୍ୟାଚାର କରୁଛନ୍ତି । ଏପରି କି ଜଣେ ଲୋକପ୍ରତିନିଧିଙ୍କ ସମ୍ପର୍କୀୟଙ୍କ ନାମରେ ଏକାଧିକ କେସ୍ ଥିଲେ ମଧ୍ୟ ପୋଲିସ ତାଙ୍କୁ ଗିରଫ କରୁନାହିଁ। ବରଂ ଯାହା ନାମରେ ମିଥ୍ୟାକେସ୍ ଦିଆଯାଉଛି ପୋଲିସ ତାକୁ ହଇରାଣ କରୁଛି । ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଏକାଧିକ କେସ୍ ଥିବା ବେଳେ ପୋଲିସ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ନାହିଁ । ଅନ୍ୟପକ୍ଷେ ୧୩୧/୨୦୧୮ ନଂ.ରେ ଏକ ମିଥ୍ୟା କେସ୍ କରି ଜଣେ ଅନୁସୂଚିତ ଜନଜାତିର ଯୁବକଙ୍କୁ ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଛି । ରାଜକନିକା ଅଞ୍ଚଳରେ ମଧ୍ୟ ଦଳିତଙ୍କ ଉପରେ ଆକ୍ରମଣ ଚାଲିଛି। ଏହାର ପ୍ରତିବାଦରେ ଆଗାମୀ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରେ କଂଗ୍ରେସ ପକ୍ଷରୁ କଟକ-ଚାନ୍ଦବାଲି ରାସ୍ତାର ନିଆଳ ହାଟ କଲେଜ ଛକରେ ରାସ୍ତାରୋକୋ ସହ ଧାରଣା ଦିଆଯିବ। ଏହି ସମ୍ମିଳନୀରେ ଶର୍ମାଙ୍କ ସହ ସତ୍ୟପ୍ରିୟ ସାମଲ, ନକୁଳ ପରିଡ଼ା, ପ୍ରଭାକର ସାହୁ, ରାଜମୋହନ ସ୍ୱାଇଁ, ମାନଗୋବିନ୍ଦ ଦାସ, ପର୍ଶୁରାମ ରାଉତରାୟ, ସର୍ବେଶ୍ୱର ସାମଲ, ବିକ୍ରମ ଦାସ ଓ ରଞ୍ଜନ କୁମାର ଦାସ ଉପସ୍ଥିତ ଥିଲେ।


ଜଗତ୍‌ସିଂହପୁର ବ୍ଲକ ସରାୟୋସ୍ଥିତ ମା’ସିଦ୍ଧିଦାତ୍ରୀ ସର୍ବମଙ୍ଗଳା ପୀଠରେ ଶାରଦୀୟ ପାର୍ବଣ ପୂଜା ଅନୁଷ୍ଠିତ ହୋଇଯାଇଛି। ଶନିବାର ସପ୍ତଦଶ ଦିବସ ଅବସରରେ ମା’ସିଦ୍ଧିଦାତ୍ରୀଙ୍କୁ ମହାକାଳୀମାତା ବେଶରେ ସୁସଜ୍ଜିତ କରାଯାଇଛି।

# ମଣ୍ଡିରେ ଧାନ ବିକୁଛନ୍ତି ୫% ଚାଷୀ

**କେନ୍ଦ୍ରାପଡ଼ା ଅଫିସ, ୨୬।୯**

■ଅନ୍‌ଲାଇନ ପଞ୍ଜୀକରଣ ସମ୍ପର୍କରେ ଚାଷୀ ଅନଭିଜ୍ଞ
■ଅଭାବୀ ବିକ୍ରିକୁ ମିଳୁଛି ପ୍ରୋତ୍ସାହନ
■ଅର୍ଥକରୀ ଫସଲ ଉତ୍ପାଦନରେ ସଫଳ ହେବ କୃଷିନୀତି

ନିକଟରେ କେନ୍ଦ୍ର ସରକାର ୩ଟି କୃଷି ବିଧେୟକକୁ ସଂସଦରେ ପାରିତ କରାଇଛନ୍ତି। ଏଥିରେ ସାରା ଦେଶର ବଜାରକୁ କୃଷକଙ୍କ ପାଇଁ ଖୋଲା କରି ମଣ୍ଡିର ଅଭାବ ପୂରଣ ହେବ ବୋଲି ବାର୍ତ୍ତା ଦେଇଛନ୍ତି । ତେବେ କୃଷିଭିତ୍ତିକ ଅର୍ଥନୀତିରେ ପରିଚାଳିତ କେନ୍ଦ୍ରାପଡା ଜିଲାରେ ଏହାର ପ୍ରଭାବକୁ ନେଇ ବହୁ ବୁଦ୍ଧିଜୀବୀ ପ୍ରଶ୍ନ ଉଠାଇଛନ୍ତି। ଗତ ୬ ବର୍ଷର ସରକାରୀ ମଣ୍ଡିରେ ଧାନ ବିକ୍ରିର ତଥ୍ୟ ଦେଖିଲେ ଜିଲାର ମାତ୍ର ୫ ପ୍ରତିଶତ ଚାଷୀ ଏଥିରେ ସାମିଲ ହୋଇଥିବା ସୂଚନା ମିଳିଛି।

ରାଜ୍ୟ ସରକାର ନଭେମ୍ବରରୁ ଖରିଫ ଧାନ କ୍ରୟ ପାଇଁ ମଣ୍ଡି ଖୋଲୁଥିଲେ ମଧ୍ୟ ଏହି ଜିଲାରେ ଡିସେମ୍ବର ୧୫ରୁ ଖୋଲାଯାଉଛି। ଜିଲାର ୧୨୧ ସମବାୟ ସମିତି ମଧ୍ୟରୁ ୧୧୫ଟି ଧାନ କ୍ରୟ କରୁଛନ୍ତି। ଜିଲାରେ ୩ ଲକ୍ଷ ୧୧ ହଜାରରୁ ଊର୍ଦ୍ଧ୍ୱ ଚାଷୀ ୧ ଲକ୍ଷ ୨୪ ହଜାର ହେକ୍ଟର ଜମିରେ ଖରିଫ ଧାନ ଚାଷ କରିଥାନ୍ତି। ଜିଲା ଯୋଗାଣ ବିଭାଗ ଓ ଏଆର୍‌ସିଏସ୍ ପକ୍ଷରୁ ପ୍ରାପ୍ତ ତଥ୍ୟ ଅନୁଯାୟୀ, ୨୦୧୩-୧୪ ଆର୍ଥିକ ବର୍ଷରେ ୩,୦୮,୮୨୩ କୁଇଣ୍ଟାଲ ଧାନ କ୍ରୟ ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ମାତ୍ର ଏହି ବର୍ଷ ୨,୪୫,୪୪୦ କୁଇଣ୍ଟାଲ ଧାନ କ୍ରୟ ହୋଇଛି। ସେହିପରି ୨୦୧୪-୧୫ରେ ଧାର୍ଯ୍ୟ ଲକ୍ଷ୍ୟ ୩,୬୭,୬୪୭ କୁଇଣ୍ଟାଲରୁ ୩,୬୫,୩୨୩, ୨୦୧୫-୧୬ରେ ୫,୮୮,୨୩୫ରୁ ୫,୪୦,୬୬୧ କୁଇଣ୍ଟାଲ, ୨୦୧୬-୧୭ରେ ୬,୯୧,୧୭୬ରୁ ୬,୧୮,୨୦୯ କୁଇଣ୍ଟାଲ ଓ ୨୦୧୮-୧୯ରେ ୬,୧୭,୬୪୭ରୁ ୫, ୭୦,୦୦୭ କୁଇଣ୍ଟାଲ ଧାନ କ୍ରୟ ହୋଇଛି। ୨୦୧୯-୨୦ ଆର୍ଥିକ ବର୍ଷରେ ଧାର୍ଯ୍ୟ ଲକ୍ଷ୍ୟ ସ୍ଥିର ହୋଇ ନ ଥିବାବେଳେ ପ୍ରାୟ ୭ ଲକ୍ଷ କୁଇଣ୍ଟାଲ ଧାନ କ୍ରୟ ହୋଇଛି। ୨୦୧୪-୧୫ରେ ଜିଲାର ମାତ୍ର ୨୦,୩୯୩ ଚାଷୀ ସରକାରୀ ମଣ୍ଡିରେ ଧାନ ବିକ୍ରୟ ପାଇଁ ପଞ୍ଜୀକରଣ କରିଥିବା ବେଳେ ମାତ୍ର ୧୩,୫୧୮ ଚାଷୀ ଧାନ ବିକ୍ରି କରିଥିଲେ। ସେହିପରି ୨୦୧୯-୨୦ରେ ୪୨,୯୦୫ ଚାଷୀ ଧାନ ବିକ୍ରୟ ପାଇଁ ପଞ୍ଜୀକରଣ କରିଥିଲେ ମଧ୍ୟ ମାତ୍ର ୨୪ ହଜାର ଚାଷୀ ମଣ୍ଡିରେ ଧାନ ବିକ୍ରୟ କରିଛନ୍ତି। ଏ ସମ୍ପର୍କରେ ବୁଦ୍ଧିଜୀବୀ ବାନାମ୍ବର ସାହୁ, ମାତୃଦତ୍ତ ମହାନ୍ତି, ହଳଧର ଦାଶ, ବିଜୟ ପରିଡା ପ୍ରମୁଖ କହିଛନ୍ତି, ଫସଲକୁ ସରକାରୀ ମଣ୍ଡିରେ ପହଞ୍ଚିବା ପାଇଁ ଚାଷୀଙ୍କ ଅନ୍‌ଲାଇନ ପଞ୍ଜୀକରଣ ଆବଶ୍ୟକ। ଏଥିପାଇଁ ସଚେତନତା ସୃଷ୍ଟି ହେଉନାହିଁ। ଅନଭିଜ୍ଞ ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି । ୨୦୧୬-୧୭ରେ ଜିଲାରେ ମାର୍କଫେଡ୍ ଧାନ କ୍ରୟ ସମୟରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ଦୁର୍ନୀତି ହୋଇଥିବା ଧରାପଡିଥିଲା। ଏହାବ୍ୟତୀତ ଜିଲାରେ ଧାନ ଏକ ଅର୍ଥକରୀ ଫସଲ ନୁହେଁ । ପ୍ରାକୃତିକ ବିପର୍ଯ୍ୟୟ ସର୍ବଦା ଲାଗିରହିଛି। ଚଳିତବର୍ଷ ବର୍ଷା ଓ ବନ୍ୟାରେ ଜିଲାର ୮୫ ପ୍ରତିଶତ ଅଞ୍ଚଳ ପ୍ରଭାବିତ ହୋଇଥିବାବେଳେ ସରକାରୀ ଆକଳନ ଅନୁଯାୟୀ ୫୦,୦୫୦ ହେକ୍ଟରର ଖରିଫ ଧାନ କ୍ଷତି ହୋଇଛି । ଏଠାରେ କୃଷି କମିଟି ପକ୍ଷରୁ ନିରୀକ୍ଷଣ କରାଯାଇ ଉପଯୁକ୍ତ ଅର୍ଥକରୀ ଫସଲ ଉତ୍ପନ୍ନ ପାଇଁ ସରକାରୀ ପ୍ରୋତ୍ସାହନ ମିଳିଲେ କେନ୍ଦ୍ର ସରକାରଙ୍କ କୃଷି ନୀତିର ସଫଳତା ମିଳିବ ବୋଲି ସେମାନେ ପ୍ରକାଶ କରିଛନ୍ତି।

